ମୋ ଓଡ଼ିଶା

ଓଡ଼ିଶା: ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ

ଭୁବନେଶ୍ୱର (ପିଏନ୍): ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ ଓଡ଼ିଶା ଏହି ତିନୋଟି ଶବ୍ଦର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ରମଣୀୟ ସ୍ଥାନ, ଅନନ୍ୟ ସଂସ୍କୃତି ଏବଂ ସୌହାର୍ଦ୍ଧ୍ୟ ଏବଂ ସ୍ନେହଶୀଳ ଲୋକଙ୍କ ଅପୂର୍ବ ସମାହାର। ୪୮୦ କିଲୋମିଟର ଦୀର୍ଘ ଉପକୂଳ, ନଭଶ୍ଚୁମ୍ବୀ ପର୍ବତମାଳା, ଶାନ୍ତ ହ୍ରଦ ଏବଂ ଚଳଚଞ୍ଚଳ ନଦନଦୀ ତଥା ବିଭିନ୍ନ ବନ୍ୟଜନ୍ତୁ ଅଭୟାରଣ୍ୟ, ସମୁଦ୍ରତଟ, ମନ୍ଦିର, ସ୍ମାରକସ୍ଥଳୀ, କଳା ଏବଂ ପର୍ବପର୍ବାଣୀରେ ଭରପୁର ଓଡ଼ିଶା ସମସ୍ତଙ୍କୁ ଏହା ପ୍ରତି ଆକର୍ଷିତ କରିଥାଏ। ପର୍ଯ୍ୟଟନ ଓଡ଼ିଶାର ଅର୍ଥନୀତିକୁ ପ୍ରମୁଖ ଅବଦାନ ଦେଇଥାଏ। ଭାରତର କିଛି ସ୍ଥାନ ସ୍ୱତନ୍ତ୍ର ମାନ୍ୟତାର ଅଧିକାରୀ ଏବଂ ଓଡ଼ିଶା ଏହା ମଧ୍ୟରୁ ଗୋଟିଏ ବୋଲି ନିଶ୍ଚିତ ଭାବେ କୁହାଯାଇପାରିବ। ଭାରତର ଭାସ୍କର୍ଯ୍ୟ ଏବଂ କଳାତ୍ମକ ଐତିହ୍ୟର ବାସ୍ତବିକ ସଂଗ୍ରହାଳୟ ଓଡ଼ିଶାର ପର୍ଯ୍ୟଟନକ ହିଁ ବୁଝାଯାଇଥାଏ ଏବଂ କୋଣାର୍କ ଦେବୀପ୍ୟମାନ ସୂର୍ଯ୍ୟମନ୍ଦିର, ପୁରୀସ୍ଥିତ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମନ୍ଦିରମାଳିନୀ ସହର ଭୁବନେଶ୍ୱର ଦେଶବିଦେଶର ପଣ୍ଡିତ ଏବଂ ବିଶେଷଜ୍ଞଙ୍କ ଲାଗି ପ୍ରଥମ ପସନ୍ଦ ହୋଇଥାଏ। କ୍ରମାଗତ ବୃଦ୍ଧି ପାଇଥିବା ଅତ୍ୟାଧୁନିକ ପର୍ଯ୍ୟଟକ ଯେଉଁମାନେ ଓଡ଼ିଶା ପର୍ଯ୍ୟଟନ ପ୍ରତି ଆକର୍ଷିତ ମନ୍ଦିର, ପୁରୀ ପର୍ଯ୍ୟଟନ, ଓଡ଼ିଶା ହସ୍ତତନ୍ତ ଯାହା ସାରା ବିଶ୍ୱରେ ପ୍ରସିଦ୍ଧ ଏବଂ ପୁରୀ ଏବଂ ଗୋପାଳପୁର ସମୁଦ୍ରକୂଳ ସମ୍ପର୍କରେ କିଛି ନା କିଛି ଜ୍ଞାନ ରଖିଥାନ୍ତି। ଅଗଣିତ ଧର୍ମ, ପୁରାତନ ମନ୍ଦିର, ସ୍ଥାନୀୟ ପୁଣ୍ୟସ୍ଥଳୀ ଏବଂ ପବିତ୍ର ସ୍ଥାନରେ ପରିପୂର୍ଣ୍ଣ ଓଡ଼ିଶାରେ ବାର ମାସରେ ତେର ଯାତ୍ରା ପାଳିତ ହୋଇଥାଏ। ରାଜ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ମଧ୍ୟରେ ପୁରୀ ରଥ ଯାତ୍ରା, ଚନ୍ଦନ ଯାତ୍ରା, କୋଣାର୍କ ନୃତ୍ୟ ଉତ୍ସବ ଅନ୍ୟତମ। ଓଡ଼ିଶାର ପବିତ୍ର ଭୂମିରେ ତିନିଗୋଟି ଧର୍ମ (ହିନ୍ଦୁ, ବୌଦ୍ଧ ଓ ଜୈନ)ର ବିକାଶ ଘଟିଛି ଯାହା ଖୁବ୍ ଧୁମଧାମରେ ଏହାର ଉତ୍ସବ ପାଳନ କରିଥାନ୍ତି। ଓଡିଶାର ସାଂସ୍କୃତିକ ଏବଂ ଧାର୍ମିକ ପରମ୍ପରା ଭାରତରେ ଖୁବ୍ ପ୍ରସିଦ୍ଧ। ଓଡ଼ିଶା ଏହାର ରମଣୀୟ ସମୁଦ୍ର କୂଳ ଲାଗି ପ୍ରସିଦ୍ଧ ଯାହା ଜଣକ ଅବକାଶ ଭାବକୁ ଉଦ୍ରେକ କରିଥାଏ। ସ୍ୱର୍ଣ୍ଣିମ ବାଲୁକାରେ କୋମଳ ଖରାର ସ୍ପର୍ଶ ଜଣକୁ ଆନମନା କରିଦେଇଥାଏ। ଭାରତର ପୂର୍ବ ଉପକୂଳର ପ୍ରାଚ୍ୟ ପର୍ବତମାଳାର ବେଷ୍ଟନୀ ମଧ୍ୟରେ ଅବସ୍ଥିତ ଓଡ଼ିଶା ଦେଶର ଅନ୍ୟତମ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ମଧ୍ୟରୁ ଅନ୍ୟତମ। ପୁରୀ ଏବଂ ଚାନ୍ଦିପୁର ସମୁଦ୍ରକୂଳ ପର୍ଯ୍ୟଟକଙ୍କ ସ୍ମୃତିରେ ଚିରଦିନ ପାଇଁ ସାଇତା ହୋଇ ରହିବା ଭଳି ଅଭିଜ୍ଞତା ପ୍ରଦାନ କରିଥାନ୍ତି। ଓଡ଼ିଶା ଭ୍ରମଣ ପାଇଁ ଆସୁଥିବା ଦେଶବିଦେଶର ପର୍ଯ୍ୟଟକ ଏହାର ଅଭୁତ ବାସ୍ତୁକଳା ଏବଂ ଐତିହ୍ୟସ୍ଥଳୀର ବିସ୍ମୟକାରୀ ସୌନ୍ଦର୍ଯ୍ୟରେ ପ୍ରଭାବିତ ହୋଇଥାନ୍ତି। ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଧଉଳି ଶାନ୍ତିସ୍ତୂପ, ଖଣ୍ଡଗିରି, ଉଦୟଗିରି, ଚିଲିକା ଏବଂ ଆହୁରି ଅନେକ ବୌଦ୍ଧ ଓ ଜୈନ ପର୍ଯ୍ୟଟନସ୍ଥଳୀ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାନ୍ତି। ଅଭୁତ ବାସ୍ତୁକଳା ଏବଂ ଅଗଣିତ ମନ୍ଦିରରେ ପରିପୂର୍ଣ୍ଣ ଓଡ଼ିଶା ବର୍ଷସାରା ଦେଶବିଦେଶର ବିଭିନ୍ନ ସ୍ଥାନରୁ ତୀର୍ଥଯାତ୍ରୀଙ୍କୁ ଆକୃଷ୍ଟ କରିଥାଏ। ଏଥି ସହିତ ଦେଦୀପ୍ୟମାନ ଲିଙ୍ଗରାଜ ମନ୍ଦିର ଓ ଏବଂ ସୁନ୍ଦର କାରୁକାର୍ଯ୍ୟରେ ଖୋଦିତ ମୁକ୍ତେଶ୍ୱର ମନ୍ଦିରକୁ ଦେଖିବା ପାଇଁ ଲକ୍ଷାଧିକ ତୀର୍ଥଯାତ୍ରୀ ମଧ ଆସିଥାନ୍ତି। ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କ ଲାଗି ପବିତ୍ର ସ୍ଥଳୀ ଭାବେ ପରିଚିତ ଓଡ଼ିଶା ତୀର୍ଥଯାତ୍ରୀଙ୍କ ଲାଗି ପରମ କେନ୍ଦ୍ରସ୍ଥଳ। ପ୍ରକୃତିପ୍ରେମୀଙ୍କ ଅନ୍ତିମ ଲକ୍ଷ୍ୟସ୍ଥଳୀ ଭାବେ ଓଡ଼ିଶା ଦୁଃସାହସିକ ବନ୍ୟଜନ୍ତୁ ଭ୍ରମଣ ଲାଗି ସୁଯୋଗ ପ୍ରଦାନ କରିଥାଏ। ଭାରତରେ ବନ୍ୟ ଉଦ୍ୟାନ ଏବଂ ଅଭୟାରଣ୍ୟ ପାଇଁ ପ୍ରସିଦ୍ଧ ଓଡ଼ିଶା ଅଗଣିତ ବିରଳ ବନସ୍ପତି ଏବଂ ଜୀବଜନ୍ତୁ ପ୍ରଜାତିର ଆଶ୍ରୟସ୍ଥଳୀ। ସବୁଠୁ ଗହନ ଜଙ୍ଗଲ ଏବଂ ନାଲି ରେଶମ ପଶମ ଶାଢ଼ି, ବନ୍ୟ ଉଦ୍ୟାନର ଅଧିକାରୀ ଓଡ଼ିଶା ଏସୀୟ ସିଂହର ଜନ୍ମସ୍ଥଳୀ ଭାବେ ନିଜକୁ ପ୍ରମାଣିତ କରିସାରିଛି। ଓଡ଼ିଶାରେ ୬୬୧୧.୧୨ ବର୍ଗକିଲୋମିଟର ପରିମିତ ସଂରକ୍ଷିତ ଅଞ୍ଚଳ ନେଟୱାର୍କରେ ୧୮ଗୋଟି ଅଭୟାରଣ୍ୟ, ଏକ ଜାତୀୟ ଉଦ୍ୟାନ ଏବଂ ଗୋଟିଏ ପ୍ରସ୍ତାବିତ ଜାତୀୟ ପାର୍କ ଅବସ୍ଥିତ। ଏହି ବନ୍ୟ ଉଦ୍ୟାନଗୁଡ଼ିକ ରାଜ୍ୟର ୪.୨୫ ଭୌଗୋଳିକ ଅଞ୍ଚଳ ଏବଂ ୧୧.୩୭ ବନାଞ୍ଚଳକୁ ନେଇ ଗଠିତ। ଏଥିସହିତ ଓଡ଼ିଶାର ଅତୁଳନୀୟ କଳା ସଂସ୍କୃତି ଓ ପରମ୍ପରା ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ପ୍ରତିବର୍ଷ ରାଜ୍ୟକୁ ସେମାନଙ୍କୁ ରାଜ୍ୟକୁ ଟାଣି ଆଣିଥାଏ।

(ସୌଜନ୍ୟ: ଶେଖ୍ ଫରିଦ୍‌ଉଦ୍ଦିନ, ଦୂରସଞ୍ଚାର ଭବନ, ଲିଙ୍କରୋଡ୍, କଟକ, ଦୂରଭାଷ : ୯୪୩୭୦୦୪୮୮୮)

ଭୁଷଣ୍ଡପୁର ବ୍ରିଗେଡ ସ୍କୁଲର ପୁରସ୍କାର ବିତରଣ ଉତ୍ସବ

ଖୋର୍ଦ୍ଧା (ପିଏନ୍): ଭୁଷଣ୍ଡପୁର ସ୍ଥିତ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶିଶୁ ଦିବସ ପାଳନ ଅବସରରେ ବିଦ୍ୟାଳୟ ସଭାପତି କୁମର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବ୍ରଜବଂଧୁ ସେଠୀ ସ୍ୱାଗତ ଭାଷଣ, ବରିଷ୍ଠ ଶିକ୍ଷୟିତ୍ରୀ ସାଗରିକା ସାହୁ ଅତିଥି ପରିଚୟ, ଦିବ୍ୟଲୋଚନ ସାହୁ ବିବରଣୀ ପାଠ ଓ ପ୍ରଭାସିନୀ ପରିଡ଼ା ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ରାଜ୍ୟ ବ୍ରିଗେଡ ବୋର୍ଡ଼ର ସଭାପତି ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଲକ୍ଷ୍ମୀଧର ପାଇକରାୟ, ପୋଲିସ ଅଧିକାରୀ ହରିବଂଧୁ ଦାଶ, ଚିକିତ୍ସକ ଶକ୍ତିନାଥ ତରାଇ, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପରିଚାଳକ ପ୍ରଭାତ କୁମାର ବେହେରା, ସମାଜସେବୀ ସଞ୍ଜୟ ପଟ୍ଟନାୟକ, ବିରଂଚି ନାରାୟଣ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଉତ୍ସବରେ ୩୮୨ ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତା ସମେତ ଏହି ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତ୍ୟେକ ବର୍ଷ ନିୟମିତ ଭାବେ ନି.ପ୍ରା, ଉ.ପ୍ରା., ପଠାଣି ସାମନ୍ତ ମେଧା ବୃତ୍ତି ଓ ଏନ୍.ଆର୍.ଟି.ଏସ୍. ବୃତ୍ତି ଲାଭ କରିବା ସହିତ ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ସିଲ୍ଡ ଓ ମେଡାଲ ଲାଭ କରି ବିଦ୍ୟାଳୟର ଗୌରବ ବଢ଼ାଇ ପାରିଛନ୍ତି ବୋଲି ବକ୍ତାମାନେ ମନ୍ତବ୍ୟ ଦେଇଥିଲେ। ଏଠାରେ ଅଭିଭାବକମାନେ ପୂର୍ଣ୍ଣ ସହଯୋଗ ଦେଇ ଅନୁଷ୍ଠାନ ଗଢ଼ିବାରେ ବ୍ରତୀ ଥିବାରୁ ସେମାନେ ଆନନ୍ଦ ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ମହାରଣା, ସୁମିତ୍ରା ନାୟକ ଓ ରୋଜାଲିନ୍ ଦାଶଙ୍କ ନିର୍ଦ୍ଦେଶନାରେ ପାଇକ ଆଖଡ଼ା, ହିନ୍ଦୁସ୍ତାନ ହମାରା ଆଦି ଅଠରଟି ନାଚ ପ୍ରଦର୍ଶନ ସହ ବ୍ୟକ୍ତିଗତ ସଙ୍ଗୀତ ଗାନ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ନିଆରା ସଂଗ୍ରାହକ ଶଶାଙ୍କ

ଭୁବନେଶ୍ୱର (ପିଏନ୍): ଖବରକାଗଜ ସମାଜର ପ୍ରତିଛବି, ଏହାକୁ ଅନ୍ୟ ଭାବେ ସମାଜର ଦର୍ପଣ ମଧ୍ୟ କୁହାଯାଏ। ପ୍ରତ୍ୟେକ ଦିନ ସକାଳୁ ଚା ସହିତ ଖବରକାଗଜ ନ ପଢ଼ା ଗଲେ ବହୁ ଲୋକଙ୍କ ସକାଳ ଆରମ୍ଭ ହୁଏ ନାହିଁ ବୋଲି ସେମାନେ କହିଥାନ୍ତି। ତେବେ ଏହି ଖବରକାଗଜକୁ ସଂଗ୍ରହ କରି ଆଜି ଜଣେ ନିଆରା ସଂଗ୍ରାହକ ପାଲଟି ଯାଇଛନ୍ତି। ଏମିତି ଏକ ଘଟଣା ଘଟାଇଛନ୍ତି ଯାଜପୁର ଜିଲ୍ଲାର ଜଣେ ଯୁବକ। ଭେଟନ୍ତୁ ଏହି ୩୮ ବର୍ଷର ଯୁବକଙ୍କୁ। ଶଶାଙ୍କ ଶେଖର ଦାଶ, ଯାଜପୁର ଜିଲ୍ଲା ବରୀ ବ୍ଲକ ଅର୍ନ୍ତଗତ ଅରଙ୍ଗାବାଦ ଗ୍ରାମର ଏହି ମୁକ୍ତବୃତ୍ତ ସାମ୍ବାଦିକ। ଆଜି ତାଙ୍କ ନିକଟରେ ଅଛି ୫୦୦୦ରୁ ଅଧିକ ଖବରକାଗଜ। ଯାହାକି ୩୧୬୫ଟି ଅନ୍ୟ ଅନ୍ୟ ନାମ। ଏହା ୬୮ଟି ଦେଶର ହୋଇଥିବାବେଳେ ୫୯ଟି ଭାଷାର ଅଟେ। ଅଧୁନା ଏହି ଯୁବକ ଗିନିସ ୱାଲ୍ଡ ରେକର୍ଡ଼ କରିବାକୁ ଯାଉଥିବା ବେଳେ ପୂର୍ବରୁ ତାଙ୍କୁ ଲିମ୍‌କା ବୁକ୍ ଅଫ ରେକର୍ଡ଼ସ ଓ ଇଣ୍ଡିଆ ବୁକ୍ ଅଫ ରେକର୍ଡ଼ସ ମିଳିଛି। ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ଲୋକ ଯିଏକି ଗୋଟିଏ ବର୍ଷରେ ଦୁଇଟି ବିଭାଗରେ ଲିମ୍‌କା ରେକର୍ଡ଼ କରିଛନ୍ତି। ତାଙ୍କର ରେକର୍ଡ଼ଗୁଡ଼ିକ ହେଲା ଗୋଟିଏ ଦିନରେ ସର୍ବାଧିକ ଖବରକାଗଜ ସଂଗ୍ରହ କରିବା ଓ ସର୍ବାଧିକ ଭାରତୀୟ ଦୈନିକ ଖବରକାଗଜ ସଂଗ୍ରହ। ଗତ ୨୦୧୨ ମସିହା ଜାନୁୟାରୀ ୨୬ ତାରିଖ ଦିନ ସେ ଗୋଟିଏ ଦିନରେ ୨ଟି ଦେଶର ମୋଟ ୩୯୨ଟି ଖବରକାଗଜ ସଂଗ୍ରହ କରିଥିଲେ। ଭାରତର ୩୯୧ଟି ଓ ଇସ୍ରାଏଲର ଗୋଟିଏ। ଏହି ଖବରକାଗଜ ୧୬ଟି ଭାଷାର ଅଟେ। ଏଥିପାଇଁ ତାଙ୍କୁ ପୂର୍ବରୁ ଇଣ୍ଡିଆ ବୁକ ଅଫ୍ ରେକର୍ଡ଼ସ୍ ମଧ୍ୟ ମିଳିଛି। ଅର୍ଥାତ ଗୋଟିଏ ଦିନରେ ସର୍ବାଧିକ ଖବରକାଗଜ ସଂଗ୍ରହ କରି ସେ ୨ଟି ରେକର୍ଡ଼ ବୁକ୍‌ରେ ନିଜର ନାମ ଉଠାଇପାରିଛନ୍ତି। ତାଙ୍କ ସଂଗ୍ରହରେ ରହିଛିମୋଟ ୮୬୫ଟି ଦୈନିକ ଭାରତୀୟ ଖବରକାଗଜ ରହିଛି। ଯାହାକି ଏକ ରେକର୍ଡ଼। ଏଥିପାଇଁ ତାଙ୍କୁ ମିଳିଛି ଅନ୍ୟ ଏକ ବିଭାଗରେ ଲିମ୍‌କା ରେକର୍ଡ଼ସ। ତାଙ୍କ ପାଖରେ ଥିବା ଖବରକାଗଜଗୁଡ଼ିକ ଆଫଗାନିସ୍ଥାନ, ଆମେରିକା, ଅଷ୍ଟ୍ରେଲିଆ, ବଙ୍ଗଳାଦେଶ, ବେଲଜିୟମ, ଭୁଟାନ, କାଲିଫର୍ଣ୍ଣିଆ, କାନାଡ଼ା, ଚୀନ, ଇଂଲଣ୍ଡ, ଇଥିଓପିଆ, ଫିନଲ୍ୟାଣ୍ଡ, ଫ୍ରାନ୍ସ, ଜର୍ମାନୀ, ହଙ୍ଗକଙ୍ଗ, ଭାରତ, ଇଣ୍ଡୋନେସିଆ, ଆୟର୍ଲ୍ୟାଣ୍ଡ, ଇସ୍ରାଏଲ, ଇଟାଲୀ, ଜାପାନ, କେନିଆ, ଲାଓସ, ମାଲେସିଆ, ମାଞ୍ଚେଷ୍ଟର, ନେପାଳ, ନେଦରଲ୍ୟାଣ୍ଡ, ନିଉଜିଲ୍ୟାଣ୍ଡ, ଓମାନ, ଫିଲିପାଇନ୍ସ, ଦୁମାଲି, ପାନାମା, ଋଷିଆ, ସାଉଦି ଆରବ, ସିଙ୍ଗାପୁର, ଦକ୍ଷିଣ କୋରିଆ, ଶ୍ରୀଲଙ୍କା, ସୁଇଜରଲ୍ୟାଣ୍ଡ, ତାଇୱାନ, ଥାଇଲ୍ୟାଣ୍ଡ, ତିମୋର, ତୁର୍କୀ, କାତାର, ଉଗାଣ୍ଡା ଓ ୟୁନାଇଟେଡ଼ ଆରବ ଏମିରେଟ୍ସ ଦେଶର ଅଟେ। ଖବରକାଗଜଗୁଡ଼ିକ ଆରବି, ଆସାମୀ, ଅଷ୍ଟ୍ରେଲିଆ ଇଂରାଜୀ, ବଙ୍ଗଳା, ଚୀନା, ଡ଼ଚ୍, ଇଂରାଜୀ,ଫ୍ରେଞ୍ଚ, ଜର୍ମାନୀ, ଗୁଜୁରାଟୀ, ହିନ୍ଦୀ, ଇଟାଲିଆନ, ଜାପାନୀ, କନ୍ନଡ଼, କୋଙ୍କଣୀ, କୋଶଳୀ, କୁଡୁମାଲୀ, ମାଲାୟାଲାମ, ମରାଠୀ, ନେପାଳୀ, ଓଡ଼ିଆ, ଓଡ଼ିଆ ଭାଷା ଓ ଇଂରାଜୀ ଲିପି, ପାସ୍ତୋ, ପଞ୍ଜାବୀ, ଋଷିଆନ, ସଂସ୍କୃତ, ସାନ୍ତାଳୀ, ସ୍ପେନିସ, ତାଇୱାନିସ, ତାମିଲ, ତେଲଗୁ, ଟେଟମ, ଥାଇ ଓ ଉର୍ଦ୍ଧୁ ଭାଷାର ଅଟେ। ତାଙ୍କ ସଂଗ୍ରହାଳୟରେ ରହିଥିବା ଖବରକାଗଜଗୁଡ଼ିକ ମଧ୍ୟରେ ପାଟଣା ଦୀପିକା ସର୍ବ ପୁରାତନ। ଏହା ୧୯୪୫ ମସିହା ମାର୍ଚ୍ଚ ମାସର ଅଟେ। ଅନ୍ୟାନ୍ୟ ପୁରାତନ ଖବରକାଗଜଗୁଡ଼ିକ ହେଲା ସମାଜ(୧୯୬୫ ଜାନୁୟାରୀ ୫), ପ୍ରଜାତନ୍ତ୍ର (୧୯୫୮ ଫେବୃୟାରୀ ୧), ମାତୃଭୂମୀ (୧୯୭୧)। ଏହାଛଡ଼ା କେତେକ ପୁରାତନ ଖବରକାଗଜର ଜେରକ୍ସ ମଧ୍ୟ ସେ ତାଙ୍କ ସଂଗ୍ରହରେ ରଖିଥନ୍ତି। ସେଗୁଡ଼ିକ ହେଲା ଉତ୍କଳ ଦୀପିକା (୧୯୩୦), ଗଞ୍ଜାମ ଗେଜେଟ(୧୯୬୦), ଗଡ଼ଜାତ ବାସୀନି(୧୯୨୬), ପଲ୍ଲୀବାସୀନୀ(୧୯୩୨), ଓଡ଼ିଆ ଓ ନବ ସମ୍ବାଦ(୧୯୧୪), ଉତ୍କଳ ବାର୍ତ୍ତା (୧୯୧୪)। ତାଙ୍କ ସଂଗ୍ରହରେ ରହିଛି ଝାଡ଼ଖଣ୍ଡର ଦୁମକାରୁ ପ୍ରକାଶ ପାଉଥିବା ହାତଲେଖା ଖବରକାଗଜ ଦୀନ ଦଳିତ, ମାଓବାଦୀଙ୍କ ଖବରକାଗଜ କ୍ରାନ୍ତିକାଳ। ଏହାଛଡ଼ା ତାଙ୍କ ସଂଗ୍ରହରେ ୧୭୬ ବିଦେଶୀ ଖବରକାଗଜ ରହିଛି। ଓଡ଼ିଶା ନାମ ଥାଇ ୪୩ଟି, ଉତ୍କଳ ନାମ ଥାଇ ୩୩ଟି, ଟାଇମ୍ସ ନାମ ଥାଇ ୮୪, ସମୟ ନାମ ଥାଇ ୧୯ ଓ ଖବର ନାମ ଥାଇ ୬୧ଟି ଖବରକାଗଜ ତାଙ୍କ ସଂଗ୍ରହରେ ରହିଥିବା ଜଣାଯାଇଛି। ଏଠାରେ କୁହାଯାଇପାରେ ଆଗାମୀ ଦିନରେ ଶଶାଙ୍କ ତାଙ୍କର ସଂଗ୍ରହକୁ ନିଜ ଜିଲ୍ଲା ଯାଜପୁରଠାରେ ପ୍ରଦର୍ଶନ କରିବାକୁ ଯୋଜନା ରଖିଛନ୍ତି। ପୂର୍ବରୁ ଏହାକୁ ଭୁବନେଶ୍ୱର, ବାରିପଦା ଓ ଢେଙ୍କାନାଳଠାରେ ମୋଟ ୬ଥର ପ୍ରଦର୍ଶନ କରିଛନ୍ତି। ଯାଜପୁର ପ୍ରଦର୍ଶନୀ ପାଇଁ ଜିଲ୍ଲା ପ୍ରଶାସନ ଓ ଅନ୍ୟାନ୍ୟ ବେସରକାରୀ ସଂସ୍ଥା ତାଙ୍କୁ ଆର୍ଥିକ ସହାୟତା ଯୋଗାଇଦେବେ ବୋଲି ସେ ଆଶା କରିଛନ୍ତି। ଏହାଛଡ଼ା ନିଜ ଗ୍ରାମ ଅରଙ୍ଗାବାଦଠାରେ ସେ ନିଜ ବାପାଙ୍କ ନାମରେ ଏକ ଖବରକାଗଜ ସଂଗ୍ରହାଳୟ ଓ ଗବେଷଣା କେନ୍ଦ୍ର ଆରମ୍ଭ କରିଛନ୍ତି। ଦୋଳଗୋବିନ୍ଦ ଖବରକାଗଜ ସଂଗ୍ରହାଳୟ ଓ ଗବେଷଣା କେନ୍ଦ୍ରର ଶ୍ରୀବୃଦ୍ଧି ପାଇଁ ରାଜ୍ୟ ସରକାର ଓ ଅନ୍ୟମାନେ ତାଙ୍କୁ ସାହାଯ୍ୟ ସହଯୋଗ କରିବାକୁ ଆଗେଇ ଆସିବେ ବୋଲି ସେ ବିଶ୍ୱାସ ରଖିଛନ୍ତି। ସୂଚନାଯୋଗ୍ୟ ଶଶାଙ୍କ ଶେଖର ଦାଶ ବିଭିନ୍ନ ପ୍ରକାର ମିଡ଼ିଆରେ କାର୍ଯ୍ୟ କରିବା ପରେ ବର୍ତ୍ତମାନ ମୁକ୍ତବୃତ୍ତ ସାମ୍ବାଦିକତା କରୁଛନ୍ତି। ଏହାଛଡ଼ା ଇଣ୍ଡିଆନ ଗ୍ରାମୀନ ସର୍ଭିସେସ୍ (ଆଇଜିଏସ୍) ନାମକ ସେକସନ ୨୫ ଅଣ ଲାଭଦାୟୀ କଂପାନୀରେ ଜଣେ କାର୍ଯ୍ୟନିର୍ବାହୀ ଭାବେ କାର୍ଯ୍ୟ କରୁଛନ୍ତି। ଖବରକାଗଜ ସଂଗ୍ରହ ସହ ସେ ଓଡ଼ିଆ ପତ୍ରିକା, ସ୍ମରଣିକା, କଲେଜ ପତ୍ରିକା, ନିଉଜଲେଟର ଓ ଅନ୍ୟାନ୍ୟ ପତ୍ର ପତ୍ରିକା ଓ ପୁରୁଣା ପୁସ୍ତକ ସଂଗ୍ରହ କରିଥାନ୍ତି। ଏଠାରେ କୁହାଯାଇପାରେ ଶଶାଙ୍କ ୬ଟି କ୍ଷୁଦ୍ର ପୁସ୍ତକର ମଧ ରଚୟିତା। ତାଙ୍କର ବଡ଼ ଲୋକଙ୍କ ପିଲାଦିନ ପୁସ୍ତକଟି ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ କ୍ରୟ କରିଛି। ଖବରକାଗଜ ଉପରେ ଗବେଷଣା କରି ସେ ଖବରକାଗଜ ଅନେକ କଥା ପୁସ୍ତକ ପ୍ରକାଶ କରିଛନ୍ତି। ଏହାଛଡ଼ା ସେ ଶିଶୁ ପ୍ରତିଯୋଗୀ ନାମକ ଏକ ଶିଶୁ କିଶୋର ଖବରକାଗଜ ମଧ ସଂପାଦନା କରୁଛନ୍ତି।

ଶିଶୁ ଦିବସରେ ଆହ୍ୱାନ

ଭୁବନେଶ୍ୱର (ପିଏନ୍): ସ୍ଥାନୀୟ ୱାର୍ଡ ନଂ-୧୩ ଅଧିନସ୍ଥ ନୀଳମାଧବ ବସ୍ତିଠାରେ ରାଜ୍ୟର ଅଗ୍ରଣୀ ଶିଶୁ ଅଧିକାର ସଂଗଠନ ଶିଶୁ ଓ ମହିଳା ବିକାଶ କେନ୍ଦ୍ର (ସି.ସି.ଡବ୍ଲ୍ୟୁ.ଡି) ଓ ଆକ୍ସନ୍‌ଏଡ୍‌ଙ୍କ ମିଳିତ ଆନୁକୁଲ୍ୟରେ ଆୟୋଜିତ ହୋଇଯାଇଛି ଶିଶୁ ଦିବସ-୨୦୧୭। ଶିଶୁର ଅନ୍ତଃର୍ନିହିତ ପ୍ରତିଭାର ବିକାଶ, ସୁରକ୍ଷା ତଥା ସୁରକ୍ଷିତ ବଳୟ ପ୍ରତ୍ୟେକ ସ୍ତରରେ ସୃଷ୍ଟି ହେବା ଦରକାର ବୋଲି ଶିଶୁ ଦିବସ ଅବକାଶରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ବିଦ୍ୟାଳୟରେ ସୁରକ୍ଷା ଓ ନିରାପତ୍ତା ଜରୁରୀ ବୋଲି ଶିଶୁମାନେ ତର୍କ, ଚିତ୍ରାଙ୍କନ ଓ କୁଇଜ୍ ମାଧ୍ୟମରେ ଅବଗତ କରାଇଥିଲେ। ଅତିଥିଭାବରେ ବରିଷ୍ଠ ଶିଶୁ ସାହିତ୍ୟିକ ଶରତ କୁମାର ନାୟକ, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର, ଆକ୍ସନ୍‌ଏଡ୍‌ର ପ୍ରୋଗ୍ରାମ୍ ମ୍ୟାନେଜର ଘାସିରାମ ପଣ୍ଡା, ନୀଳମାଧବ ବସ୍ତିର ସଭାପତି ଶରତ ଚନ୍ଦ୍ର ନାୟକ, ବବିତା ସ୍ୱାଇଁ, ସାମାଜିକ କର୍ମୀ ପ୍ରଭାସ ସାମନ୍ତରାୟ, ସି.ସି.ଡବ୍ଲ୍ୟୁ.ଡି.ର ସମ୍ପାଦକ ସଦାଶିବ ସ୍ୱାଇଁ ଓ ଶିଶୁ ପ୍ରତିନିଧି ଚନ୍ଦିନୀ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବକାଶରେ ଶିଶୁ ପ୍ରତିଭାମାନେ ନୃତ୍ୟ ଗୀତର ତାଳେ ତାଳେ ନିଜର ଲୁକ୍କାୟିତ ପ୍ରତିଭାକୁ ପ୍ରତିପାଦିତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ସି.ସି.ଡବ୍ଲ୍ୟୁ.ଡିର ସମ୍ପାଦକ ସଦାଶିବ ସ୍ୱାଇଁ ପ୍ରଦାନ କରିଥିବା ବେଳେ ଦେବବ୍ରତ ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୀତାଞ୍ଜଳୀ ପଣ୍ଡା, ସୌମ୍ୟରଂଜନ ମଲ୍ଲିକ, ଶକୁନ୍ତଳା ଦାସ, ପ୍ରିୟଙ୍କା ମଲ୍ଲିକ, ମାନସ ପ୍ରଧାନ, କଲ୍ୟାଣୀ ରାଉତ, ଦମୟନ୍ତୀ ସାହୁ, ରେଣୁବାଳା ସାହୁ ପ୍ରମୁଖ ସହଯୋଗ କରିଥିଲେ।

ଶିକ୍ଷାକେନ୍ଦ୍ର ନା ମରଣଯନ୍ତା !

କେନ୍ଦ୍ରାପଡ଼ା (ଓଏନ୍‌ଏସ୍): ସହରର ମୀରପାଟଣା ସ୍ଥିତ ଏକ ଘରୋଇ ବିଦ୍ୟାଳୟ ଯାହାକି ଜିଲ୍ଲାର ପୁରାତନ ଶିକ୍ଷାକେନ୍ଦ୍ର ଭାବେ ବେଶ୍ ଜଣାଶୁଣା। ଆଜିଯାଏ ଅନେକ ଆଦର୍ଶ ଛାତ୍ରଛାତ୍ରୀ ଗଢିବା ସହ ଜିଲ୍ଲା ପାଇଁ ଅନେକ ଖ୍ୟାତି ଅର୍ଜନ କରିଥିବା ଜଣାଯାଏ। ହେଲେ ଆଜିର ଦିନରେ ଏହି ଶିକ୍ଷାକେନ୍ଦ୍ରର ବାହ୍ୟ ପରିବେଶ ଯେତିକି ଦୁଃଖଦ ସେତିକି ଭୟଙ୍କର। ସୂଚନାଯୋଗ୍ୟ- ଏହି ସ୍କୁଲ୍ ଯିବା ବାଟରେ ସ୍ଥାନୀୟ ଲୋକେ ଗାଈଗୋରୁଙ୍କୁ ବାନ୍ଧିବା ସହ ଉକ୍ତ ରାସ୍ତାରେ ଅଇଁଠା ବାସନମଜା ପାଣି, ଗାଧୁଆ ପାଣି ଏବଂ ନର୍ଦ୍ଦମା ପାଣି ଛାଡ଼ି ଏହି ଶିକ୍ଷା ପରିବେଶକୁ ଖୁବ୍ ପୂତିଗନ୍ଧମୟ କରିଛି। ଏହାଛଡା ଆଉ ଏକ ସାଙ୍ଘାତିକ ସମସ୍ୟା ସୃଷ୍ଟି କରିଛି ଏହି ଶିକ୍ଷାନୁଷ୍ଠାନର ସମ୍ମୁଖଭାଗ। ଏଠାରେ ଥିବା ଡ୍ରେନର ସ୍ଲାବ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଅଭିଭାବକମାନେ କୋମଳମତୀ ଶିଶୁଙ୍କୁ ଏଠାକୁ ଛାଡ଼ିବାକୁ ଅସୁରକ୍ଷିତ ମନେକରୁଛନ୍ତି, ଯାହାକି ମରଣଯନ୍ତା ସଦୃଶ। ଏ ସମ୍ପର୍କରେ ବିଦ୍ୟାଳୟର କର୍ମକର୍ତ୍ତା କୁହନ୍ତି ଯେ ଏହାର ମରାମତି ପାଇଁ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଗୋଚର କରାଯାଇଛି। ତେଣୁ ଏହାର ସମାଧାନ ଖୁବ୍ ଶିଘ୍ର ହୋଇଯିବ।

ଶିକ୍ଷାସହାୟକଙ୍କ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ଠିକ୍ ହୋଇନାହିଁ

ଭୁବନେଶ୍ୱର (ପିଏନ୍): ବର୍ତ୍ତମାନର ରାଜ୍ୟ ସରକାର ଏକ [illegible]

[illegible] କାହିଁକି କାର୍ଯ୍ୟରତ ଶିକ୍ଷା ସହାୟକ ଛଟେଇ ହେଲେ, ଏ ପ୍ରଶ୍ନ [illegible]

କୁନ୍ଦୁଲି ଗଣଧର୍ଷଣ ମାମଲାର ସିବିଆଇ ତଦନ୍ତ ଦାବି କଲା ସାମାଜିକ ସଂଗଠନ ସମୂହ

ଭୁବନେଶ୍ୱର (ପିଏନ୍): କୋରାପୁଟ ଜିଲ୍ଲାର କୁନ୍ଦୁଲିଠାରେ [illegible]

Observation of Black-day demanding CBI

[illegible]

DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10c.m.x4cm: Rs.8,000/-(One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus,
Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G.,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com